OPPO Reno7 5G

ପ୍ରେସ୍ ନୋଟ୍

# ଏଚଆଇଭି/ଏଡ୍ ସ ସଚେତନତା ଉପରେ ଯୁବ ମହୋତ୍ସବ ପାଳିତ ।

ଅନୁଗୋଳ ତା. ୦୯.୦୮ : ଏଚଆଇଭି/ଏଡ୍ସ ସଚେତନତା ଉପରେ ଯୁବ ମହୋତ୍ସବ ୨୦୨୩-୨୪ ପାଳନ ଅବସରରେ ଗତକାଲି ଅନୁଗୋଳ ଜିଲ୍ଲାର ବିଭିନ୍ନ କଲେଜର ଛାତ୍ରଛାତ୍ରୀ ମାନଂକ ମଧ୍ୟରେ ଏକ ଗଣ ଦୌଡର ଆୟୋଜନ କରାଯାଇଥିଲା । ଉକ୍ତ ଗଣଦୌଡ ବିଜୁ ମଇଦାନଠାରେ ଆରମ୍ଭ ହୋଇ କଲେଜ ଛକ,ମିଶ୍ରପଡା,ବିଡିଓ କଲେଜ ଛକ ଦେଇ ପୁନଶ୍ଚ ବିଜୁ ମଇଦାନରେ ଶେଷ ହୋଇଥିଲା । ପ୍ରାରମ୍ଭରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟର୍ପଣ ପରେ ଗଣଦୌଡକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ଵାସ୍ଥ୍ୟ ଅଧିକାରୀ ଡା.ତ୍ରିଲୋଚନ ପ୍ରଧାନ ପତାକା ଦେଖାଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଉକ୍ତ ଗଣଦୌଡରେ ବିଭିନ୍ନ ମହାବିଦ୍ୟାଳୟର ଶତାଧିକ ଛାତ୍ର ଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ । ଉଦଘାଟନୀ ଉତ୍ସବରେ କେନ୍ଦ୍ରୀୟ ବିଦ୍ୟାଳୟ ଓ ସରସ୍ଵତୀ ବିଦ୍ୟା ମନ୍ଦିରର ଛାତ୍ରଛାତ୍ରୀ ମାନେ ଡ୍ରମବାଦ୍ୟ ବାଦନ କରି ଗଣଦୌଡର ଛାତ୍ରଛାତ୍ରୀ ମାନଂକୁ ଉତ୍ସାହିତ କରିଥିଲେ । ଏହି ଗଣଦୌଡର ପ୍ରଥମ ୧୦ ଜଣଂକୁ ଯୁବ ମହୋତ୍ସବ ପାଳନ ଉପଲକ୍ଷେ ଆୟୋଜିତ ସଭାରେ ଅର୍ଥରାଶି ଏବଂ ମେଡାଲ ମୁଖ୍ୟ ଅତିଥି ଓ ସମ୍ମାନୀତ ଅତିଥି ମାନଂକ ଦ୍ଵାରା ପ୍ରଦାନ କରାଯାଇଥିଲା । ଉକ୍ତ ସଭାରେ ପ୍ରଥମେ ଜିଲ୍ଲା ଏଡସ ନିୟନ୍ତ୍ରଣ ଅଧିକାରୀ ଡା.ବିଶ୍ଵ ବିହାରୀ ମହାନ୍ତି ଅତିଥି ମାନଂକୁ ସ୍ଵାଗତ କରିଥିଲେ । ପରେ ଡିପିଏମ ଏନ୍ ଏଚ ଏମ୍ ୧୦୯୭ ଏଚ ଆଇଭି ଏଡସ୍ ନିଃଶୁଳ୍କ ନମ୍ବରରେ ଫୋନ କରିବା ପାଇଁ ଏକ ଶପଥପାଠ କରାଇଥିଲେ । ଜିନ୍ଦଲ ଷ୍ଟିଲ ପ୍ଲାଣ୍ଟର ସିଏସଏସଆର୍‌ର ମୁଖ୍ୟ ଅଧିକାରୀ ଶ୍ରୀ ଆଶୁତୋଷ ମିଶ୍ର,ମୁଖ୍ୟ ଚିକିତ୍ସକ ଡ.ସତ୍ୟଞ୍ଜୟ ସାହୁ ଏବଂ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଉଦଘାଟନୀ ଉତ୍ସବରେ ରୋଟାରୀ ପବ୍ଲିକ ସ୍କୁଲ ଏବଂ ଶଂକର ରୁକ୍ମଣି ଫାର୍ମାସିଷ୍ଟ କଲେଜର ଛାତ୍ରୀମାନେ ଏଚଆଇଭି/ଏଡ୍ସ ଉପରେ ସାମୁହିକ ନୃତ୍ୟ ପରିବେଷଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଫାଉଣ୍ଡେସନ୍‌ର ସି ଏସ୍ ଆର ସହାୟତାରେ ସଫଳତାର ସହ ଆୟୋଜନ କରାଯାଇଥିଲା । ଶେଷରେ ଏ ଆର ଟି ସେଣ୍ଟରର ସିନିୟର ମେଡିକାଲ ଅଫିସର ଡ.ସାଶ୍ଵତ ସାଗର ମିଶ୍ର ଧନ୍ୟବାଦ ଦେଇଥିଲେ।


OSACS
YOUTH FESTIVAL 2023-24
RED RUN
In collaboration with
AIDS Helpline 1097
JSP FOUNDATION
YOUTH FESTIVAL 2023-24
RED RUN
OPPO F11 Pro
2023/08/08 09:38 Northern Division, Odisha